## ଅଳଙ୍କାର ଲୁଟ୍ ଘଟଣାର ତଦନ୍ତ

ବୁଗୁଡ଼ା (ଡି.ଏନ୍.ଏ.)–ବୁଗୁଡ଼ା ଥାନା ନିମପଦର–ବୋରିପଦର ରାସ୍ତାରେ ଶୁକ୍ରବାର ମଧ୍ୟାହ୍ନରେ ଖମାରପଲ୍ଲୀ ଗ୍ରାମର ରୁପା ଅଳଙ୍କାର ବ୍ୟବସାୟୀ ଲୋକନାଥ ସାହୁଙ୍କଠାରୁ ଲୁଟ ହୋଇଥିଲା। ମୁଖାପିନ୍ଧା ୩ ଦୁର୍ବୃତ୍ତ ପିସ୍ତଲ ଦେଖାଇ ଲୋକନାଥଙ୍କଠାରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇ ବାଇକ ଯୋଗେ ବୋରିପଦର ଅଭିମୁଖେ ଚାଲିଯାଇଥିଲେ। ଏ ନେଇ ଶୁକ୍ରବାର ରାତିରେ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୨୮୭/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ବୃତ୍ତ ୭କେଜି ୫୦୦ ଗ୍ରାମ ରୁପା ଅଳଙ୍କାର, ୬ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଗଜପତିରେ ୧୮ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୩।୧୦(ସ୍ୱ.ପ୍ର.)- ଗଜପତିରେ ଶନିବାର ୧୮ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୬୧୮ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରାଞ୍ଚଳରୁ ସର୍ବାଧିକ ୧୦ଜଣ, ନୂଆଗଡ ବ୍ଲକରୁ ୨ଜଣ, ମୋହନାରୁ ୨, ଗୋଷାଣୀ, ଗୁମ୍ମା ଓ କାଶୀନଗର ବ୍ଲକରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବାବେଳେ ଏବଂ ଜିଲା ବାହାରୁ ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍‌ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି। ଜିଲାରେ ସୁସ୍ଥ ସଂଖ୍ୟା ମୋଟ ୩୪୦୭ରେ ପହଞ୍ଚିଥିବାବେଳେ ୨୩ଜଣଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ ସୁଦ୍ଧା ୪୭,୪୧୪ ଜଣଙ୍କର ସ୍ୱାବ ପରୀକ୍ଷଣ ହୋଇଥିବାବେଳେ ୪୬,୭୫୧ ଜଣଙ୍କ ରିପୋର୍ଟ ହସ୍ତାନ୍ତର ହୋଇଥିବାର ପ୍ରକାଶ କରାଯାଇଛି। ୨୦ଜଣ ପ୍ଲାଜମା ପ୍ରଦାନ କରିଛନ୍ତି।

### ଅମାନିଆ ଦେଲେ ଜରିମାନା

ବ୍ରହ୍ମପୁର ଅଫିସ,୩।୧୦-ବ୍ରହ୍ମପୁର ପୋଲିସ ଗତ ଶୁକ୍ରବାରରୁ ଶନିବାର ସକାଳ ସୁଦ୍ଧା ବିଭିନ୍ନ ଛକରେ ଚେକିଂ କରି ମାସ୍କ ପିନ୍ଧି ନ ଥିବା ୩୭ ଜଣଙ୍କଠାରୁ ୭,୪୦୦ ଟଙ୍କା ଜରିମାନା ଅଦାୟ କରିଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୫୧ ଜଣ ଗାଡି ଚାଳକଙ୍କୁ ୭୫,୫୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରିଥିବା ଅମାନିଆଙ୍କ ନିକଟରୁ ୬ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ବିଭିନ୍ନ ମାମଲାରେ ୧୦ ଜଣଙ୍କୁ ଗିରଫ କରାଯାଇଥିବା ବ୍ରହ୍ମପୁର ଏସପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

### ପୁଅ ମାଡ଼ରେ ବାପା ଆହତ ମାମଲା ଅଭିଯୁକ୍ତ ଗଲେ ଜେଲ

ଦିଗପହଣ୍ଡି,୩।୧୦(ଡି.ଏନ୍.ଏ.)-ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ସମ୍ପତ୍ତି ଭାଗ ବଣ୍ଟନ୍‌କୁ କେନ୍ଦ୍ରକରି ପୁଅର ଠେଙ୍ଗା ମାଡ଼ରେ ବାପା ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଶୁକ୍ରବାର ଏହି ମାମଲାରେ ସମ୍ପୃକ୍ତ ଥିବା ଡି. ଲାଚ୍ଛମେୟା ଦୋରାଙ୍କୁ କୋର୍ଟ ଚାଲାଣ କରିଛି। ନଂ.୧୯୯/୨୦ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ଗୋକର୍ଣ୍ଣପୁର ଗ୍ରାମର ଡି. ଚକ୍ରପାଣି ଦୋରା ତାଙ୍କ ୩ ପୁଅଙ୍କ ମଧ୍ୟରେ ପୈତୃକ ସମ୍ପତ୍ତି ବଣ୍ଟନ କରିଦେଇଥିଲେ। ଅନ୍ୟ ୨ ପୁଅ ତାଙ୍କ ଭରଣପୋଷଣ ଦାୟିତ୍ୱ ନ ନେବାରୁ ସେ ସାନ ପୁଅ କାଶୀଙ୍କ ପାଖରେ ରହୁଛନ୍ତି। ବଡ଼ପୁଅ ଲାଚ୍ଛମେୟା ସମ୍ପତ୍ତି ବଣ୍ଟନରେ ଅସନ୍ତୁଷ୍ଟ ହୋଇ ଗତ ୫ ତାରିଖରେ କାଶୀଙ୍କ ଘରକୁ ଯାଇ ବାପାଙ୍କୁ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ଲାଚ୍ଛମେୟା ଏକ ଠେଙ୍ଗାରେ ବାପାଙ୍କ ମୁଣ୍ଡକୁ ମାଡ଼ ମାରିଥିବା ଏତଲାରେ ଉଲ୍ଲେଖ ରହିଛି।

### ୯୦ଲିଟର ଦେଶୀମଦ ଜବତ

ପାରଳାଖେମୁଣ୍ଡି,୩।୧୦(ସ୍ୱ.ପ୍ର.)- ଗଜପତି ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ାଉ କରାଯାଇ ମୋଟ ୯୦ ଲିଟର ଚୋରା ଦେଶୀମଦ ଜବତ କରାଯାଇଥିବାବେଳେ ୧୮୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଜିଲାର ଝୁଲା ସାହି, ଗୁଡା, ଖଜୁରିପଦା, ବଡପଦା ପ୍ରଭୃତି ଗ୍ରାମାଞ୍ଚଳରେ ଚଢ଼ାଉ କରାଯାଇଥିଲା। ବଡପଦାର ମାୟାବତୀ ବର୍ଦ୍ଧନଙ୍କ ଠାରୁ ପ୍ରାୟ ୧୦ଲିଟରେ ମଦ ଜବତ କରି ଗିରଫ କରାଯାଇଛି। ଜିଲା ଭ୍ରାମ୍ୟମାଣ ୟୁନିଟର ଏଏସ୍‌ଆଇ ମୋଜି ଶବର, କିଶୋର ରଥ ଏବଂ ଆର୍.ଉଦୟଗିରି ଅବକାରୀ କର୍ମଚାରୀ ଘନଶ୍ୟାମ ଜେନା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ବିଜେଡି ପକ୍ଷରୁ କରୋନା ସଚେତନତା

ପାରଳାଖେମୁଣ୍ଡି, ୩।୧୦(ସ୍ୱ.ପ୍ର.)- ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଜିଲା ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାସ୍କ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପ୍ରଥମେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ 'ଓଡିଶା ମୋ ପରିବାର' ଜିଲା ସଂଯୋଜିକା ଇନ୍ଦିରା ପଟ୍ଟନାୟକଙ୍କ ସହଯୋଗରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ଉଦ୍‌ଘାଟନ କରିଥିଲେ। ଜିଲା ସଭାପତି ପ୍ରଦୀପ କୁମାର ନାୟକ ଓ ନଗର ବିଜେଡି ସଭାପତି ସୂର୍ଯ୍ୟ ନାରାୟଣ ରାଜଗୁରୁଙ୍କ ନେତୃତ୍ୱରେ ଏମ୍‌ପି ସାହୁଙ୍କ ଉପସ୍ଥିତିରେ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ରାଜନବର ଛକଠାରୁ ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ ସଭାପତି ଏସ୍. ଲିଙ୍ଗରାଜୁ, ପାରଳାଖେମୁଣ୍ଡି ରାଜକୁମାରୀ ତଥା ବିଧାୟିକା ପ୍ରାର୍ଥନୀ କଲ୍ୟାଣୀ ଗଜପତି, ବସନ୍ତ ଦାସ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ଲକ୍ଷ୍ମୀ ପରିଚ୍ଛା, ସଞ୍ଜୁକ୍ତା ବେହେରା, ପ୍ରେମିକା ମଣ୍ଡଳ, ମାରୁତ ପାଳ ପ୍ରମୁଖ ଯୋଗଦେଇଥିଲେ।

# ଅନ୍‌ଲାଇନ ପଢ଼ା ପାଇଁ ଗଛ ଖୋଜା

ଭଞ୍ଜନଗର,୩।୧୦(ଡି.ଏନ.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକର ମହାଗୁଡା, ବାଇବାଲି, ଗସମା ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ମୋବାଇଲ ଫୋନ୍ ସେବା ଏବେବି ଠିକ୍ ଭାବେ ପହଞ୍ଚି ପାରିନାହିଁ। ତେଣୁ ଉକ୍ତ ଅଞ୍ଚଳର ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ପାଠ ପଢ଼ିବାରେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। କିଏ ଗାଁ ବାହାରକୁ ଯାଇ ନେଟ୍‌ୱାର୍କ ଆସୁଥିବା ଅଞ୍ଚଳର ଗଛ ଉପରେ ବସି ପାଠ ପଢୁଛି ତ ଆଉକିଏ ରାସ୍ତା କଡରେ ପଢୁଛି। ଛାତ୍ରୀଛାତ୍ରଙ୍କ ଏଭଳି ଦୟନୀୟ ଅବସ୍ଥା ନେଇ ଅଭିଭାବକ ଚିନ୍ତିତ। ଅନ୍ୟପକ୍ଷରେ ଯେଉଁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ ପାଠପଢାରୁ ବଞ୍ଚିତ ହେଉଛନ୍ତି ସେମାନେ ଭବିଷ୍ୟତରେ କିଭଳି ପାଠପଢ଼ିବେ ତାହାକୁ ନେଇ ମଧ୍ୟ ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ଚିନ୍ତା ବଢ଼ିଯାଇଛି। କରୋନା ନିୟନ୍ତ୍ରଣକୁ ନଆସିଲା ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନ ଖୋଲିବା ସମ୍ଭାବନା ନାହିଁ।


ଛାତ୍ରମାନେ ମୋବାଇଲ ଫୋନ ଧରି ଗଛରେ ଚଢିଛନ୍ତି ।

ତେଣୁ ସରକାର ଏନେଇ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦେଶ ବହୁ ଆଗକୁ ଯାଇଛି ହେଲେ ଏବେବି ଅନେକ ଗ୍ରାମରେ ମୋବାଇଲ ଟାୱାର ନାହିଁ। ମେକ୍ ଇନ୍ ଇଣ୍ଡିଆ ବାଟବଣା ହୋଇଯାଇଛି। ଗ୍ରାମାଞ୍ଚଳରେ ଗ୍ରାହକ ସଂଖ୍ୟା କମ୍ ଯୋଗୁ ଘରୋଇ କମ୍ପାନୀ ବ୍ୟବସାୟିକ ମନୋବୃତ୍ତି ରଖି ଅଧିକରୁ ଅଧିକ ଟାୱାର ନିର୍ମାଣ କରୁନାହାନ୍ତି। ଅନ୍ୟପକ୍ଷରେ ସରକାରୀ ସଂସ୍ଥା ବିଏସ୍‌ଏନଏଲ୍‌ର ଆର୍ଥିକ ଅବସ୍ଥା ମଧ୍ୟ ଭଲ ନାହିଁ। ତେଣୁ ସରକାର ମଧ୍ୟ ମୋବାଇଲ ଫୋନ୍ ସେବା ପ୍ରତି ବିଶେଷ ଗୁରୁତ୍ୱ ଦେଉନାହାନ୍ତି।

ପ୍ରକାଶଯେ, ଭଞ୍ଜନଗର ବ୍ଲକର ଅନେକ ଗ୍ରାମରେ ଏବେବି ମୋବାଇଲ ଫୋନ ସେବା ଅପହଞ୍ଚ। ଆଉ କେତକ ଗ୍ରାମରେ ମୋବାଇଲ ଫୋନ ସେବା ଥିଲେ ମଧ୍ୟ ଇଣ୍ଟରନେଟ୍ ସୁବିଧା ନାହିଁ। ବିଦ୍ୟାଳୟ ଓ କଲେଜ ଖୋଲିଲେ ଶିକ୍ଷାଦାନରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପଢ଼ାଯିବ ନା ଏମିତି ଅବହେଳିତ ଅବସ୍ଥାରେ ରହିଯିବେ ତାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତାରେ।

ଏନେଇ ମହାଗୁଡାର ପ୍ରକାଶ ଚନ୍ଦ୍ର ବେହେରା କୁହନ୍ତି, ଘରକୁ ସିଗ୍‌ନାଲ ଆସୁ ନଥିବା ଯୋଗୁ ପିଲାମାନେ ଗାଁ ନିକଟ ପାହାଡିଆ ଅଞ୍ଚଳକୁ ଯାଇ ପାଠ ପଢୁଛନ୍ତି। କୌଣସି କମ୍ପାନୀ ଗାଁରେ ଟାୱାର ନିର୍ମାଣ କରିଥିଲେ ଭଲ ହୋଇଥାନ୍ତା। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

ବର୍ତ୍ତମାନ ପରିସ୍ଥିତିରେ କୌଣସି ନୂଆ ଟାୱାର ଭଞ୍ଜନଗର ବ୍ଲକରେ ବସିବାର ଯୋଜନା ନାହିଁ। ମାର୍ଚ୍ଚ ପରେ ଯଦି ସରକାର କିଛି ବ୍ୟବସ୍ଥା କରନ୍ତି ତେବେ ମୋବାଇଲ ଫୋନ୍ ସେବା ଆସୁ ନଥିବା ଅଞ୍ଚଳରେ ନୂଆ ଟାୱାର ବସାଯିବ ବୋଲି ଭଞ୍ଜନଗର ବିଏସ୍‌ଏନ୍‌ଏଲ୍ ଏସ୍‌ଡିଏଓ ସୁଶୀଲ କୁମାର ଶତପଥୀ କହିଛନ୍ତି।

## ଜୁଆ ଆଡ୍ଡାରୁ ୨୭ ଗିରଫ

ବ୍ରହ୍ମପୁର ଅଫିସ୍/ପାଟପୁର/ ଭଞ୍ଜନଗର, (ଡି.ଏନ୍.ଏ.) ୩।୧୦

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରି ୨୭ ଜଣଙ୍କୁ ଗିରଫ କରିଛି। ବ୍ରହ୍ମପୁର ଟାଉନ ଥାନା ପୋଲିସ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଗିରି ମାର୍କେଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢଉ କରିଥିଲା। ସେଠାରୁ ୧୦ ଜଣଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିଲେ। ଘଟଣାସ୍ଥଳରୁ ପୋଲିସ ୪୩,୧୦୦ ଟଙ୍କା, ୫ଟି ବାଇକ, ୭ ମୋବାଇଲ ଫୋନ ଓ ଅନ୍ୟାନ୍ୟ ସରଞ୍ଜାମ ଜବତ ହୋଇଛି। ଏ ନେଇ ନଂ.୧୮୨/୨୦ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୁରେଶ ତ୍ରିପାଠୀ କହିଛନ୍ତି। ସେହିପରି ସେହିପରି ପାଟପୁର ପୋଲିସ ଶୁକ୍ରବାର ରାତିରେ ଡେଙ୍ଗାଓସ୍ତା ଗ୍ରାମ ଠାକୁରାଣୀ ମନ୍ଦିର ନିକଟରେ ଚାଲିଥିବା ଏକ ଜୁଆ ଖେଳରେ ଚଢ଼ାଉ କରିଥିଲା। ସେଠାରୁ ୮ ଜଣଙ୍କୁ ଗିରଫ କରାଯିବା ସହ ୩୧,୦୦୦ ଟଙ୍କା ଜବତ ହୋଇଛି। ଏ ନେଇ ନଂ.୨୪୩/୨୦ରେ ମାମଲା ରୁଜୁ ହୋଇଛି। ସେହିପରି ଭଞ୍ଜନଗର ପୋଲିସ ଶନିବାର ବାଇପାସ୍ ରୋଡ଼ର ଏକ ଘରେ ଜୁଆ ଖେଳ ଚାଲିଥିବା ବେଳେ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୬୬ ହଜାର ୫୧୦ ଟଙ୍କା, ୧୧ଟି ମୋବାଇଲ ଫୋନ ଏବଂ ଗୋଟିଏ ବାଇକ୍ ଜବତ କରାଯାଇଛି।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ



ସିପିଆଇଏମର ନେତା ଓ କର୍ମୀ।

ବ୍ରହ୍ମପୁର ଅଫିସ,୩।୧୦

ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବି ନେଇ ସିପିଆଇଏମ୍ ପକ୍ଷରୁ ଶନିବାର କାମାପଲ୍ଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କରୋନା ମହାମାରୀ ଯୋଗୁ ସାଧାରଣ ଲୋକେ ଜୀବନଜୀବିକା ପାଇଁ ସଂଘର୍ଷ ଜାରି ରଖିଥିବା ବେଳେ ସରକାର ବିଦ୍ୟୁତ ଶୁଳ୍କ ବୃଦ୍ଧି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ସମ୍ପୂର୍ଣ୍ଣ ଜନବିରୋଧୀ ଓ ଅଗଣତାନ୍ତ୍ରିକ ବୋଲି ବୋଲି ସିପିଆଇଏମ୍ କହିଛି । ଏଥିସହ ବିଦ୍ୟୁତ ସେବାର ଘରୋଇକରଣ କରିବା ନେଇ ନିଆଯାଇଥିବା ନିଷ୍ପତ୍ତିକୁ ମଧ୍ୟ ପ୍ରତ୍ୟାହୃତ କରିବାକୁ ଦଳ ଦାବି କରିଛି । ବିକ୍ଷୋଭ ସମାବେଶରେ ସିପିଆଇଏମ୍ ନେତା ବସନ୍ତ ନନ୍ଦ, ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ ପ୍ରମୁଖ ସାମିଲ ହୋଇଥିଲେ ।

## ଦିଗପହଣ୍ଡି ବିଜେଡିର ପିଛା ଛାଡୁନି ଗୋଷ୍ଠୀ କନ୍ଦଳ

ଦିଗପହଣ୍ଡି,୩।୧୦(ଡି.ଏନ୍.ଏ.)

ଦିଗପହଣ୍ଡି ବିଜୁ ଜନତା ଦଳରେ ଗୋଷ୍ଠୀ କନ୍ଦଳ ପିଛା ଛାଡୁନି। ଦଳ ପକ୍ଷରୁ ନିକଟରେ ଆୟୋଜିତ ହୋଇଥିବା ଦୁଇଟି କାର୍ଯ୍ୟକ୍ରମରୁ ଏହା ଜଣାପଡ଼ିଛି। ଗତ ରବିବାର ଦିଗପହଣ୍ଡି ଘୋଡ଼ାହାଡ଼ ପାଣି ପଞ୍ଚାୟତ ସଭାଗୃହଠାରେ ଦଳ ପକ୍ଷରୁ ଆୟୋଜିତ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ରକ୍ତଦାନ ଶିବିରକୁ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ କିମ୍ବା ତାଙ୍କ ସମର୍ଥକମାନେ ଆସି ନ ଥିଲେ। ଏପରିକି ଦଳର ବ୍ଲକ ସଭାପତି ଓ ନଗର ସଭାପତି ମଧ୍ୟ ସେଠାକୁ ଯାଇ ନ ଥିଲେ। ସେହିପରି ଶୁକ୍ରବାର ଦଳୀୟ କାର୍ଯ୍ୟାଳୟରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଆୟୋଜିତ ସଭାରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ସୁନୀତା ସେଠୀ, ଉପାଧ୍ୟକ୍ଷ ପ୍ରଦୀପ୍ତ ପଟ୍ଟନାୟକଙ୍କ ସମେତ ଦଳୀୟ ଟିକେଟରେ ନିର୍ବାଚନ ଜିତିଥିବା ୫ କାଉନସିଲରଙ୍କ ଅନୁପସ୍ଥିତି ଦଳୀୟ କନ୍ଦଳକୁ ପଦାରେ ପକାଇଛି।

ଏ ନେଇ ବିଧାୟକ ତଥା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସହ ଯୋଗାଯୋଗ କରିବାରେ ଦିଗପହଣ୍ଡି ବିଜେଡିରେ କୌଣସି ଗୋଷ୍ଠୀ କନ୍ଦଳ ନାହିଁ। ସ୍ଥାନୀୟ କେତେଜଣ ନେତାଙ୍କ ମଧ୍ୟରେ ବ୍ୟକ୍ତିଗତ ସ୍ତରରେ ମନୋମାଳିନ୍ୟ ରହିଛି। ଆଗାମୀ ଦିନରେ ଆପୋସ ମିଳାମିଶା ମାଧ୍ୟମରେ ସେ ସବୁ ସମାଧାନ କରାଯିବ ବୋଲି କହିଛନ୍ତି। ସେହିପରି ବ୍ଲକ ଅଧ୍ୟକ୍ଷ ପ୍ରଧାନ କହିଛନ୍ତି, କେତେଜଣ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଦଳରେ ବିଭ୍ରାନ୍ତ କରିବା ଲକ୍ଷ୍ୟ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ସଫଳ ହେବନାହିଁ। ବିଧାୟକ ତଥା ବାଚସ୍ପତିଙ୍କ ସହ ତାଙ୍କର କୌଣସି ପ୍ରକାର ମତପାର୍ଥକ୍ୟ ନାହିଁ। ଖୁବଶୀଘ୍ର ଦଳୀୟ ବୈଠକ ଡକାଯାଇ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି କହିଛନ୍ତି।

### ଗଞ୍ଜେଇ ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୩।୧୦

ଅବକାରୀ ବିଭାଗ ଲାଞ୍ଜିପଲ୍ଲୀ ଛକରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହିତ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ଜବର ଗ୍ରାମର ପ୍ରଶାନ୍ତ କୁମାର ମଲ୍ଲିକ। ତାଙ୍କ ନିକଟରୁ ୧୫କେଜି ୮ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଶନିବାର ଅବକାରୀ ବିଭାଗ ଲାଞ୍ଜିପଲ୍ଲୀ ବାଇପାସରେ ଏକ ବସ୍ ଯାଞ୍ଚବେଳେ ଜଣେ ଯୁବକଙ୍କୁ ଧରିଥିଲା। ତାଙ୍କ ବ୍ୟାଗରୁ ଗଞ୍ଜେଇ ଜବତ ହୋଇଥିଲା। ଚଢ଼ାଉରେ ସଦର ଇନ୍ସପେକ୍ଟର ରୋଶନ୍ ଇସୁ ହଂସଦା ଓ ଏସ୍‌ଆଇ ଶ୍ରୀଧର ମହାନ୍ତି ପ୍ରମୁଖ ସାମିଲ ଥିଲେ।

### ମାଟିଲଗ୍ନା ସାହିତ୍ୟ ସଂସଦର କବିତା ଆସର

ଶେରଗଡ,୩।୧୦(ଡି.ଏନ୍.ଏ.)

ଶେରଗଡ ପିତଳଛକ ସ୍ଥିତ ଚନ୍ଦ୍ରିକା ବିଦ୍ୟାମନ୍ଦିର ପରିସରରେ ଶନିବାର ମାଟିଲଗ୍ନା ସାହିତ୍ୟ ସଂସଦ ପକ୍ଷରୁ ସଭାପତି ବିଚିତ୍ରାନନ୍ଦ ମୁନୀଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଯୋଗ ଦେଇ, କବି ଲଳିତ ମୋହନ ସ୍ୱାଇଁ, ଡ. ହୃଷୀକେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନ ଅଧିବେଶନରେ ୩୦ରୁ ଅଧିକ କବି ଯୋଗଦେଇ କବିତା ପାଠ କରିଥିଲେ। ଅତିଥି ଭାବେ ଗୁରୁମୂର୍ତ୍ତୀ ନାୟକ, ଏ. ଯୁଧିଷ୍ଠିର ଦୋରା, ତ୍ରିନାଥ ବେହେରା ଓ ଶ୍ରୀ ମହାନ୍ତି ଯୋଗଦେଇ ଥିଲେ। ୩୦ରୁ ଉର୍ଦ୍ଧ୍ୱ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଚାରାରୋପଣ, ବଣ୍ଟନ କାର୍ଯ୍ୟକ୍ରମ

ଗଞ୍ଜାମ,୩।୧୦(ଡି.ଏନ.ଏ.)

ଗଞ୍ଜାମ ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ୟୁଥ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଉମାକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଋଷିକୁଲ୍ୟା ନଦୀ କୂଳ ଏବଂ ଗଞ୍ଜାମ କଲେଜ ରୋଡ୍‌ରେ ରହିଥିବା ପାନୀୟ ଜଳ ପମ୍ପ ନିକଟରେ ପିଜୁଳି, କୈଁଠ, ପଣସ, ବାଦାମ, ଡାଳିମ୍ବ, ଅଂଳା ଆଦି ବିଭିନ୍ନ କିସମର ଚାରାରୋପଣ କରିବା ସହ ଚାରା ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼, ପରିବେଶବିତ ଶ୍ରୀଚରଣ ବେହେରା, ପ୍ରଶାନ୍ତ କୁମାର ବେହେରା, କାଳିଆ ବେହେରା, ଲତାଶା ବେହେରା, ଦୀପ୍ତିମୟୀ ବେହେରା, ଶୁଭମ ବେହେରା ପ୍ରମୁଖଙ୍କ ସାମିଲ ଥିଲେ।

## କୋଭିଡ୍ ନିୟମରେ ହେବ ମହାନବମୀ ପୂଜା

ଖଜୁରିପଡ଼ା,୩।୧୦(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ବଲସକୁମ୍ପାଠାରେ ମା' ବରାଳଦେବୀଙ୍କ ମହାନବମୀ ପୂଜା ପ୍ରତି ବର୍ଷ ମହା ସମାରୋହରେ ପାଳିତ ହୁଏ। କିନ୍ତୁ ଏଥର ଏହା କଟକଣା ମଧ୍ୟରେ ପାଳନ କରାଯିବ। ଗତ ୧ ତାରିଖରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ତହସିଲଦାର ସସ୍ମିତା ନାୟକ, ରାଜସ୍ୱ ନିରୀକ୍ଷକ ବଲସକୁମ୍ପା, ମା'ଦେବୀ ମନ୍ଦିର ପରିଚାଳନା କମିଟିର ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ସଞ୍ଜୟ କୁମାର କହଁର, ୩ ସେବାୟତ ନଟବର ନାୟକ, ଦିଲୀପ କୁମାର ଦଳବେହେରା, ଉଦ୍ଧବ ବିଶୋୟୀଙ୍କ ଉପସ୍ଥିତିରେ ସରକାରଙ୍କ କୋଭିଡ୍ ନିୟମାନୁସାରେ ଚଳିତବର୍ଷ ମହାନବମୀ ପୂଜା ସୁଚାରୁ ରୂପେ ପରିଚାଳନା କରିବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଜନଗହଳି ନ କରିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି।

## ବଣିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା


ସତ୍ୟନାରାୟଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ଆସିକା,୩।୧୦(ଡି.ଏନ୍.ଏ)

ଆସିକା ବଣିକ ସଂଘ ପକ୍ଷରୁ ଶନିବାର ମଧ୍ୟାହ୍ନରେ ଆସିକାର ସାମାଜିକ କର୍ମୀ ସତ୍ୟନାରାୟଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବିଭିନ୍ନ ସମୟରେ ହେଉଥିବା ପ୍ରାକୃତିକ ଦୁର୍ବିପାକ ସମୟରେ ଆସିକା ଅଞ୍ଚଳରେ ଗରିବଙ୍କୁ ସହାୟତା ସାଙ୍ଗକୁ କରୋନା ମହାମାରୀ ସମୟରେ ଆସୁଥିବା ପ୍ରବାସୀଙ୍କୁ ଖାଦ୍ୟ, ଜନସାଧାରଣଙ୍କୁ ମାସ୍କ, ସାନିଟାଇଜରଠାରୁ ଆରମ୍ଭ କରି ଶୁଖିଲା ଖାଦ୍ୟ ବଣ୍ଟନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଲାଗି ଏହି ସମ୍ବର୍ଦ୍ଧନା ଦିଆଯାଇଥିବା କୁହାଯାଇଛି। ବଣିକ ସଂଘ ପୂର୍ବତନ ସଭାପତି ଅରୁଣ କୁମାର ପାତ୍ର, ସଭାପତି ରାମରଞ୍ଜନ ଶର୍ମା, ସମ୍ପାଦକ ସୀମାଞ୍ଚଳ ପରିଡ଼ା, ଉପସଭାପତି କିଶୋର ସେନାପତି ପ୍ରମୁଖ ସ୍ୱାଇଁଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କଲେ ଏମ୍‌ପି, ବିଧାୟକ

ବ୍ରହ୍ମପୁର ଅଫିସ,୩।୧୦

ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା ଓ ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାର ମିଳିତ ଭାବେ ସହର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିବା ସହ ସମସ୍ୟା ଅନୁଧ୍ୟାନ କରିଛନ୍ତି। ଏମ୍‌ପି, ବିଧାୟକ ଓ କମିଶନର ପ୍ରଥମେ ରାମଲିଙ୍ଗମ୍ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ଦେଖିଥିଲେ। ପରେ ବିଜିପୁର ପୋଖରୀ ପାର୍ଶ୍ୱ, ଶାସ୍ତ୍ରୀନଗର, ଜେନେନା ହସ୍ପିଟାଲ ରୋଡ, ରାମହରିନଗର, ଜୟପ୍ରକାଶ ନଗର, ଗେଟବଜାର, ଲୋଚାପଡା, ବ୍ରହ୍ମାନଗର, ଜ୍ୟୋତିନଗର, ଏମ୍‌କେସିଜି ମେଡିକାଲ ପରିସରରେ ରହିଥିବା ଡ୍ରେନେଜ ସମସ୍ୟା ଅନୁଧ୍ୟାନ କରିଥିଲେ। ଏଥିସହ ଖୋଡାସିଙ୍ଗି ମୁଖ୍ୟରାସ୍ତା, ବିଦ୍ୟୁତପୁରୀ କଲୋନୀର ଓଡିଆରପି କାର୍ଯ୍ୟ, ଅଯୋଧ୍ୟାନଗର ପାର୍କ କାର୍ଯ୍ୟ, ଗୋଷାଣୀନୂଆଗାଁ ଶ୍ମଶାନ ଓ ଆଗୁଲାବନ୍ଧ, ବେଢାବନ୍ଧ, ଆମ୍ବମାର୍କେଟ ମୁଖ୍ୟରାସ୍ତା, ଆଇନାବନ୍ଧ–ଲାଠି ରାସ୍ତା ସ୍ଥିତି ଅନୁଧ୍ୟାନ କରିଥିଲେ । ପରିଦର୍ଶନ ବେଳେ ବିଏମସିର ବିଭିନ୍ନ ବିଭାଗର ଅଧିକାରୀ, ଯନ୍ତ୍ରୀ ଉପସ୍ଥିତ ଥିଲେ ।


ଏମପି, ବିଧାୟକ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

### ପାଚିକା ସହାୟିକାଙ୍କୁ ୫ ମାସର ଦରମା ମିଳିନି

ଶେରଗଡ,୩।୧୦(ଡି.ଏନ୍.ଏ.)

ଶେରଗଡ ବ୍ଲକର ୧୪୫ ବିଦ୍ୟାଳୟରେ କାମ କରୁଥିବା ପାଚିକା ସହାୟିକା ମାନଙ୍କୁ ୫ ମାସହେଲା ଦରମା ମିଳିନାହିଁ। କୋଭିଡ୍ ଡ୍ୟୁଟିରେ ଥାଇ ମଧ୍ୟ ୩୦୦ରୁ ଉର୍ଦ୍ଧ୍ୱ ପାଚିକାଙ୍କୁ ଦରମା ମିଳୁନାହିଁ। ପ୍ରତି ମାସରେ ମାସରେ ଦରମା ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ପ୍ରତି ମାସରେ ରିପୋର୍ଟ ଯାଉଛି, ଟଙ୍କା ଆସିଲେ ଦରମା ଦିଆଯିବ ବୋଲି ଶିକ୍ଷା ବିଭାଗ ଅଧିକାରୀ କହିଛନ୍ତି।

## ଛାତ୍ର, ଯୁବ କଂଗ୍ରେସର ଧାରଣା

ବ୍ରହ୍ମପୁର ଅଫିସ,୩।୧୦

ଉତ୍ତରପ୍ରଦେଶର ହାଥ୍‌ରସରେ ଗଣବଳାତ୍କାର ଓ ହତ୍ୟାର ଶୀକାର ହୋଇଥିବା ଦଳିତ ମହିଳାଙ୍କ ପରିବାରକୁ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜ ସମର୍ଥକଙ୍କ ସହ ଭେଟିବାକୁ ଯାଉଥିବାବେଳେ ପୋଲିସ ଆକ୍ରମଣ କରିଛି। ଏହା ଲୋକତନ୍ତ୍ରର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ଦର୍ଶାଯାଇ ଶନିବାର ଗଞ୍ଜାମ ଜିଲା ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ବ୍ରହ୍ମପୁର ଗାନ୍ଧୀନଗର ଛକସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଆଗରେ ଗଣଧାରଣା ଦିଆଯାଇଥିଲା। ରାହୁଲଙ୍କୁ ଆକ୍ରମଣ ଘଟଣାର ଉପଯୁକ୍ତ ତଦନ୍ତ ସହ ଦୋଷୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ଦଳ ଦାବି କରିଛି । ଧାରଣାରେ ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା, କୃଷକ ସେଲ ସଭାପତି ବୃନ୍ଦାବନ ଖଟେଇ, ବିଜୟରାଜ ପାଣିଗ୍ରାହୀ, ପତିତପାବନ ଗନ୍ତାୟତ, ତତ୍‌ସତ୍ ସୁବୁଦ୍ଧି, ରାଜୀବ ଖୁଣ୍ଟିଆ, ରବି ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ ।



ଧାରଣାରେ ସାମିଲ ହୋଇଥିବା କଂଗ୍ରେସ ନେତାମାନେ।

## ମାଣ୍ଡିଆ ବିକ୍ରି ପାଇଁ ବୁଲିଲା ସଚେତନତା ରଥ

ପାରଳାଖେମୁଣ୍ଡି,୩।୧୦(ସ୍ୱ.ପ୍ର.)

ଗଜପତି ଜିଲା ଗୁମ୍ମା ବ୍ଲକ ନାମନଗଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ମଣ୍ଡିରେ ମାଣ୍ଡିଆ ବିକ୍ରି ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ପାରଳାଖେମୁଣ୍ଡିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସିଡି ଆନୁକୁଲ୍ୟରେ ଏହି ରଥ ଗୁମ୍ମା ବ୍ଲକର ବିଭିନ୍ନ ଅଞ୍ଚଳରେ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ବୁଲି ସଚେତନତା କରିବ। ସ୍ଥାନୀୟ ସରପଞ୍ଚ ଇନସ ଭୂୟାଁ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ।



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିସିଡି ପକ୍ଷରୁ କୁହାଯାଇଛି ଯେ, ଆଦିବାସୀ ଅଧ୍ୟୁଷିତ ଗୁମ୍ମା ବ୍ଲକରେ ମାଣ୍ଡିଆଚାଷ ଚାଷୀ ମାନଙ୍କୁ ଜୀବିକା ଯୋଗାଇଛି। ମିଲେଟ ମିଶନ ଜରିଆରେ ଏହି ଚାଷକୁ ବ୍ୟାପକ କରାଯାଇଛି। ଏହିବର୍ଷ ଗୁମ୍ମା ବ୍ଲକରେ ୫୩୩.୭ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଛି। ବିଗତ ଦିନରେ ସରକାରୀ ପ୍ରୋତ୍ସାହନର ଅଭାବ ଓ ବଜାରୀକରଣ ଚାହିଦା ନଥିବାରୁ ମାଣ୍ଡିଆ କେବଳ ଆଦିବାସୀ ଲୋକଙ୍କ ଖାଦ୍ୟରେ ସୀମିତ ଥିଲା। ଆଦିବାସୀ ଉନ୍ନୟନ ସମବାୟ ସମିତି ଚାଷୀଙ୍କଠାରୁ ସ୍ଥାନୀୟ ମଣ୍ଡି ଯୋଗେ ମାଣ୍ଡିଆର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରି ସଂଗ୍ରହ କରୁଥିବାରୁ ଚାହିଦା ବଢୁଛି। ଏହାସହ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପୈଠ ହେଉଥିବାରୁ ଆଦିବାସୀ ଚାଷୀମାନେ କିଛିମାତ୍ରାରେ ସୁଫଳ ପାଇପାରୁଛନ୍ତି। କିନ୍ତୁ ଅନ୍ୟକେତେକ ଚାଷୀ ବାହାରେ ସାହୁକାର ଓ ଅନ୍ୟ ବ୍ୟବସାୟୀଙ୍କୁ ବିକ୍ରିକରି କ୍ଷତି ସହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସିସିଡି ଅନୁଷ୍ଠାନର ବ୍ଲକ ସଂଯୋଜକ ହୃଷୀକେଶ ପଣ୍ଡା ଚାଷୀମାନଙ୍କୁ ଏଫ୍‌ଏକ୍ୟୁ ମାନର ମାଣ୍ଡିଆର ସର୍ବନିମ୍ନ ମୂଲ୍ୟ ଓ ପଞ୍ଜୀକରଣ ନିମନ୍ତେ ଆବଶ୍ୟକ ଡକ୍ୟୁମେଣ୍ଟ ଉପରେ ଉକ୍ତ ରଥ ସଚେତନତା କରିବ ବୋଲି ସୂଚନା ଦେଇଛନ୍ତି।

